# NATIONAL NEWS BULLETIN (ODIA)
## 29 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ମେକ୍ ଇନ୍ ଇଣ୍ଡିଆ ଅଭିଯାନ ପ୍ରତ୍ୟେକ ବର୍ଗର ଲୋକଙ୍କୁ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଇଛି; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଲାଗି ପ୍ରଚାର କାର୍ଯ୍ୟ ଶେଷ ।

– ଅକ୍ଟୋବର ପହିଲାରେ ୪୦ଟି ବିଧାନସଭା ଆସନରେ ହେବ ମତଦାନ ।

- କୋଲକାତା ଆର୍.ଜି.କର ମେଡିକାଲ କଲେଜ ଘଟଣାର ଆସନ୍ତାକାଲି ଶୁଣାଣି କରିବେ ସୁପ୍ରିମକୋର୍ଟ ।
- ସମବାୟ ସମିତି ସଶକ୍ତିକରଣ ପାଇଁ ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ ଦୁଇଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ ।

ଏବଂ

- ଭାରତ-ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନର ଖେଳ ବର୍ଷା ଯୋଗୁଁ ବାତିଲ।

## ମନ୍ କୀ ବାତ୍

ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭାରତକୁ ବିଶ୍ୱରେ ଉତ୍ପାଦନ ଏବଂ ପ୍ରସ୍ତୁତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସମାଜର ଆର୍ଥିକ ଦୁର୍ବଳ ବର୍ଗ, ମଧ୍ୟବିତ୍ତ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଏହି ଅଭିଯାନ ଦ୍ୱାରା ଯଥେଷ୍ଟ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି । ଆକାଶବାଣୀରେ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୪ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ମେକ୍ ଇନ୍ ଇଣ୍ଡିଆ ଅଭିଯାନ ପ୍ରତ୍ୟେକ ବର୍ଗର ଲୋକଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଇଛି । ରପ୍ତାନୀ ବୃଦ୍ଧି ପାଇବା ସହ ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟକ୍ଷ ପୁଞ୍ଜିନିବେଶକୁ ଏହା ଆକୃଷ୍ଟ କରିପାରିଛି । ସରକାର ଉତ୍ପାଦର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ସହ ଭୋକାଲ ଫର୍ ଲୋକାଲ ଚିନ୍ତାଧାରା ଅଧିକ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଛନ୍ତି । ମେକ୍ ଇନ୍ ଇଣ୍ଡିଆ ଉତ୍ପାଦ କିଣିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ସ୍ଥିତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନୂତନ କ୍ଷେତ୍ରର ଆବିର୍ଭାବ ସହ ନିଯୁକ୍ତିର ପରିଭାଷା ବଦଳୁଛି । ପ୍ରତିଭା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ 'ଭାରତରେ ପ୍ରସ୍ତୁତ' ଶୀର୍ଷକ ପ୍ରସଙ୍ଗ ଆଧାରରେ ୨୫ଟି ବର୍ଗରେ ପ୍ରତିଯୋଗିତା ଆୟୋଜିତ କରୁଛି । ଏଥିରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ପ୍ରସାର ଭାରତୀ ଅଧ୍ୟକ୍ଷ

ଆକାଶବାଣୀରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରସାର ଭାରତୀ, ଆକାଶବାଣୀ ଏବଂ ଦୂରଦର୍ଶନର ପ୍ରଶଂସା କରିଛନ୍ତି। ଏଥିପାଇଁ ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ ସେହଗଲ ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସେହଗଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ତିନୋଟି ସଂସ୍ଥାର କର୍ମଚାରୀମାନଙ୍କୁ ପ୍ରଶଂସା କରିବା ପ୍ରେରଣାଦାୟକ ଅଟେ। ସେ କହିଛନ୍ତି, ରାଷ୍ଟ୍ର ନିର୍ମାଣ ସଂକଳ୍ପକୁ ସମସ୍ତଙ୍କ ନିକଟରେ ପହଁଞ୍ଚାଇବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ସହ ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଥିବାରୁ ସେ ଗର୍ବ ଅନୁଭବ କରନ୍ତି। ପ୍ରସାର ଭାରତୀ ଅଧ୍ୟକ୍ଷ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପ୍ରସାର ଭାରତୀ ପରିବାର ପାଇଁ ନୂଆ ଶକ୍ତି ଓ ପ୍ରେରଣା ଦେବ।

# ଜେକେ-କ୍ୟାମ୍ପେନିଂ

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଅକ୍ଟୋବର ପହିଲାରେ ଏହି ପର୍ଯ୍ୟାୟରେ ୪୦ଟି ବିଧାନସଭା ଆସନରେ ମତଦାନ ହେବ। ଜାମ୍ମୁର ୪୦ଟି ଆସନ ମଧ୍ୟରୁ ଜମ୍ମୁର ୨୪ଟି ଏବଂ ଉତ୍ତର କଶ୍ମୀରର ୧୬ଟି ଆସନରେ ବିଜେପି ଏବଂ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଥିବାବେଳେ କାଶ୍ମୀରରେ ଇଣ୍ଡିଆ ମେଣ୍ଟ ଓ ଜମ୍ମୁ-କଶ୍ମୀର ପିପୁଲ୍ସ କନଫରେନ୍ସ ଏବଂ ଆୱାମୀ ଇତେହାଦ ପାର୍ଟି ମଧ୍ୟରେ ମୁକାବିଲା ହେବ।

ଏହି ପର୍ଯ୍ୟାୟରେ କଂଗ୍ରେସ, ବିଜେପି, ଏନ୍‌ସି ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ଦୌଡ଼ରେ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରା ଚାନ୍ଦ, ବିଜେପିର ରାଜୀବ ଶର୍ମା, ଦୁଇଜଣ ସ୍ୱାଧୀନ ପ୍ରାର୍ଥୀ ସତୀଶ ଶର୍ମା, ନରିନ୍ଦର ସିଂ ଭାଉ, କଂଗ୍ରେସର ରମଣ ଭଲ୍ଲା, ପୂର୍ବତନ ମନ୍ତ୍ରୀ ତଥା ବିଜେପି ପ୍ରାର୍ଥୀ ସାମଲାଲ ଶର୍ମା, ନ୍ୟାସନାଲ କନଫରେନ୍ସ ପ୍ରାର୍ଥୀ ଅଜୟ ସାଧୋତ୍ରା, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ପ୍ରାର୍ଥୀ ବାସୋଲି ଚୌଧୁରୀ ଲାଲ୍ ସିଂ, ବିଜେପିର ଦର୍ଶନ ସିଂ, ପୂର୍ବତନ ମନ୍ତ୍ରୀ ହର୍ଷଦେବ ସିଂ, ବିଜେପି ପ୍ରାର୍ଥୀ ବଳବନ୍ତ ସିଂ,

ଡେମୋକ୍ରାଟିକ ପ୍ରୋଗ୍ରେସିଭ୍ ଆଜାଦ୍ ପାର୍ଟିର ପ୍ରାର୍ଥୀ ଗୁଲାବ ନବୀ ଆଜାଦ୍ ଅଛନ୍ତି ।

୨୦୧୪ରେ ବିଜେପି ଜାମ୍ମୁ ଡିଭିଜନର ୩୭ଟି ଆସନ ମଧ୍ୟରୁ ୨୫ଟିରେ ଏବଂ ଜମ୍ମୁ ଜିଲ୍ଲାର ୧୧ଟି ଆସନରୁ ୯ଟିରେ ବିଜୟୀ ହୋଇଥିଲା ।

## ମହାରାଷ୍ଟ୍ର ଇଲେକସନ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୧୨ଟି ଆସନରେ ନିର୍ବାଚନ ଲଢ଼ିବା ନିମନ୍ତେ ମାର୍କସ୍‌ବାଦୀ କମ୍ୟୁନିଷ୍ଟ ପାର୍ଟି ଆଗ୍ରହ ପ୍ରକାଶ କରିଛି । ଦଳର ରାଜ୍ୟ ସଚିବ ଡକ୍ଟର ଉଦୟ ନାର୍କର  କହିଛନ୍ତି, ତାଙ୍କ ଦଳ ମହାବିକାଶ ମେଣ୍ଟ ନିକଟରେ ୧୨ଟି ଆସନରେ ନିର୍ବାଚନ ଲଢ଼ିବା ଲାଗି ଦାବି କରିଛି । ଦୁଇ ମାସ ପୂର୍ବରୁ ସେହି ଆସନଗୁଡ଼ିକର ତାଲିକା ମେଣ୍ଟର ବରିଷ୍ଠ ନେତାଙ୍କୁ ଦିଆଯାଇଥିଲା । ଦଳ ପକ୍ଷରୁ କୁହାଯାଇଛି, କଂଗ୍ରେସ, ଶିବ୍‌ସେନା ଉଦ୍ଧବଠାକରେ  ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ମହାବିକାଶ ମେଣ୍ଟର ଆସନ ବଣ୍ଟନ ସମୟରେ ତାଙ୍କ ଦଳକୁ ୧୨ଟି ଆସନ ଦେବା ଲାଗି ବିଚାର କରିବେ ବୋଲି କହିଛନ୍ତି ।

# ସୁପ୍ରିମକୋର୍ଟ-ଆର୍.ଜି.

କୋଲକାତା ଆର୍.ଜି.କର ମେଡିକାଲ କଲେଜ ଡାକ୍ତରଖାନାରେ ଜଣେ ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ଆସନ୍ତାକାଲି ସୁପ୍ରିମକୋର୍ଟରେ ଶୁଣାଣି ହେବ। ନ୍ୟାୟାଳୟର ୱେବସାଇଟ୍‌ରେ ପ୍ରକାଶିତ ତାଲିକା ଅନୁଯାୟୀ, ସୁପ୍ରିମକୋର୍ଟ ନିଜ ଆଡୁ ଏହି ମାମଲାର ଶୁଣାଣି କରିବେ। ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିବେ। ଗତ ସପ୍ତାହରେ ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାରଙ୍କ ଅନୁରୋଧକ୍ରମେ ଗତ ୨୭ ତାରିଖରେ ହେବାକୁ ଥିବା ଶୁଣାଣିକୁ ସ୍ଥଗିତ ରଖିଥିଲେ।

ଏହା ପୂର୍ବରୁ ସୁପ୍ରିମକୋର୍ଟ ମହିଳା ଡାକ୍ତରମାନଙ୍କୁ ରାତି ସମୟରେ କାର୍ଯ୍ୟରେ ନିୟୋଜିତ ନ କରିବା ସମ୍ପର୍କିତ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ପଶ୍ଚିମବଙ୍ଗ ସରକାର ଲିଙ୍ଗଗତ ସମାନତାକୁ ଅଗ୍ରାଧିକାର ଦେବା ସହ କୌଣସି ସର୍ତ୍ତ ଲାଗୁ କରିବେ ବୋଲି ନାହିଁ ବୋଲି କହିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଏହି ଘଟଣାକୁ ଅତ୍ୟନ୍ତ ଭୟଙ୍କର ବୋଲି କହିବା ସହ ଡାକ୍ତରମାନଙ୍କ ସୁରକ୍ଷା ଦେଶ ପାଇଁ ଚିନ୍ତାର ବିଷୟ ବୋଲି ମତ ଦେଇଥିଲେ। ଏଥିଲାଗି ଉପାୟ

ବାହାର କରିବା ନିମନ୍ତେ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ।

## ସମବାୟ ସମୀକ୍ଷା ବୈଠକ

ସମବାୟ ସମିତିଗୁଡ଼ିକର ସଶକ୍ତୀକରଣ ପାଇଁ ଆସନ୍ତାକାଲିଠାରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ସରକାରଙ୍କର ସମବାୟ ମନ୍ତ୍ରଣାଳୟ ଶାସନ ସଚିବ ଆଶିଷ ଭୋଟାନୀ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଂଚଳରେ ପ୍ରତିନିଧିମାନେ ଏହି ବୈଠକରେ ଯୋଗଦେବେ । ମିଳିଥିବା ସୂଚନା ଅନୁସାରେ, ଦେଶରେ ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ପ୍ରାଥମିକ ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ସମବାୟ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ବୈଠକରେ ବିଚାର ବିମର୍ଶ କରାଯିବ ।

## ନାସା-ସୁନିତା ୱିଲିୟମ୍ସ

ମହାକାଶରେ ଅଟକି ରହିଥିବା ଭାରତୀୟ ବଂଶୋଦ୍ଭବ ମହାକାଶ ଯାତ୍ରୀ ସୁନୀତା ୱିଲିୟମ୍ସଙ୍କୁ ଫେରାଇ ଆଣିବା ଲାଗି ନାସା ଏବଂ ସ୍ପେସ୍-ଏକ୍ସ ପକ୍ଷରୁ କ୍ରୁ-ନାଇନ୍ ମହାକାଶଯାନ ଆଜି ଯାତ୍ରା ଆରମ୍ଭ କରିଥିଲା । ୨ ଜଣ

ମହାକାଶଯାତ୍ରୀଙ୍କୁ ନେଇ ଯାଇଥିବା ଏହି ମହାକାଶଯାନ ସଫଳତାର ସହ ମହାକାଶ କକ୍ଷପଥରେ ପହଁଞ୍ଚିଛି। ଆମେରିକାର ଫ୍ଲୋରିଡାସ୍ଥିତ କେପ୍ କାନାଭେରାଲ ମହାକାଶ କେନ୍ଦ୍ରରୁ ଏହି ମହାକାଶ ଯାନ ଯାତ୍ରା ଆରମ୍ଭ କରିଥିଲା। ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି ଭାରତୀୟ ସମୟ ସକାଳ ୩ଟା ୩୦ ମିନିଟ୍‌ରେ ଏହି ମହାକାଶ ଯାନ ମହାକାଶ କେନ୍ଦ୍ର ସହ ସଂଯୋଗ ହେବ। ନୂଆ କ୍ରୁ ସଦସ୍ୟମାନେ ସେଠାରେ ଏକ ଅଭିଯାନରେ ୫ ମାସ ପର୍ଯ୍ୟନ୍ତ ରହିବେ। ମହାକାଶରେ ଅଟକି ରହିଥିବା ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କୁ ଫେରାଇ ଆଣିବା ଲାଗି ଏହି ଯାନ ମହାକାଶକୁ ଯାତ୍ରା କରିଛି । ସୂଚନାଯୋଗ୍ୟ କ୍ରୁ-ନାଇନ୍ ମହାକାଶଯାନ ପ୍ରଥମେ ଗୁରୁବାର ଦିନ ଉତ୍କ୍ଷେପଣ ହେବାର ଥିଲା । କିନ୍ତୁ ପ୍ରତିକୂଳ ପାଗ ଯୋଗୁଁ ନାସା କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଥିଲେ । ପୂର୍ବରୁ ଷ୍ଟାର୍‌ଲାଇନ୍ ଜରିଆରେ ଦୁଇ ମହାକାଶକାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋର୍ ମହାକାଶକୁ ଗସ୍ତ କରିଥିଲେ । ତେବେ ଷ୍ଟାରଲାଇନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେମାନେ ପୃଥିବୀକୁ ଫେରି ପାରି ନାହାନ୍ତି । ଉଭୟ ମହାକାଶଚାରୀ ଆସନ୍ତା ବର୍ଷ ଫେବୃଆରୀରେ ଭୂପୃଷ୍ଠକୁ ଫେରିବା ଯୋଜନା ରହିଛି।

## ଇସ୍ରାଏଲ-ଆଟାକ

ଇସ୍ରାଏଲ ସୁରକ୍ଷାବଳ ଆଇଡିଏଫ୍ ଦ୍ୱାରା ଆକାଶମାର୍ଗରୁ ଆକ୍ରମଣରେ ହିଜବୁଲ୍ଲାର କମାଣ୍ଡର ନବୀଲ କୋକ୍‌ର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି।

ସେ ହିଜ୍‌ବୁଲ୍ଲାର ପ୍ରିଭେଣ୍ଟିଭ୍ ସିକ୍ୟୁରିଟି ୟୁନିଟ୍ ଏବଂ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଥିଲା। ଆଇଡିଏଫ୍ ପକ୍ଷରୁ ଏହି ଆକ୍ରମଣକୁ ଏକ ସ୍ୱତନ୍ତ୍ର ଅଭିଯାନ ବୋଲି କହିବା ସହ କମାଣ୍ଡର ନବୀଲ କୋକ୍ ପ୍ରତ୍ୟକ୍ଷ ଭାବେ ଇସ୍ରାଏଲ ଉପରେ ହେଉଥିବା ଅନେକ ଆକ୍ରମଣରେ ସାମିଲ ଥିଲା ବୋଲି କୁହାଯାଇଛି। ଅନ୍ୟ ଏକ ଘଟଣାକ୍ରମରେ ହିଜ୍‌ବୁଲ୍ଲାର ମୁଖ୍ୟ ହାସନ ନସରୁଲ୍ଲାର ମୃତଦେହ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଇତିମଧ୍ୟରେ ଇସ୍ରାଏଲର ଆଇଡିଏଫ୍’ ଗାଜାରେ ଥିବା ଏକ କିଲୋମିଟର ଲମ୍ବ ଏକ ସୁଡ଼ଙ୍ଗକୁ ଧ୍ୱଂସ କରି ଦେଇଛି। ଏହି ସୁଡ଼ଙ୍ଗରେ ଅନେକଗୁଡ଼ିଏ ଅସ୍ତ୍ରଶସ୍ତ୍ର ରହିଥିଲା ଏବଂ ହମାସ ପକ୍ଷରୁ ଆକ୍ରମଣ ଲାଗି ସେଗୁଡ଼ିକ ବ୍ୟବହାର କରାଯାଉଥିଲା।

## ରୁଷ-ୟୁକ୍ରେନ୍ ଡ୍ରୋନ୍

ରୁଷ୍ ପକ୍ଷରୁ ଗତରାତିରେ ୟୁକ୍ରେନ୍‌ର ୧୨୫ଟି ଡ୍ରୋନ୍‌କୁ ନଷ୍ଟ କରି ଦେଇଥିବା ଜଣାପଡ଼ିଛି। ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବେଲଗୋଗ୍ରୋଦ୍, ବୋରୋନେଜ ଏବଂ ରୋସ୍ତୋବ୍ ଅଞ୍ଚଳରେ ଏହି ଡ୍ରୋନ୍‌ଗୁଡ଼ିକୁ ନଷ୍ଟ କରି ଦିଆଯାଇଛି। ଏହା ପୂର୍ବରୁ ବୋରୋନେଜ୍‌ର ଗଭର୍ଣ୍ଣର କହିଥିଲେ, ଏହି ଡ୍ରୋନ୍‌ଗୁଡ଼ିକ ଜନବସତି ଅଞ୍ଚଳରେ ପଡ଼ିବା ପରେ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣାରେ ଏ ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ଖବର ମିଳିପାରିନାହିଁ।

## ନେପାଳ-ଫ୍ଲଡ

ନେପାଳରେ ବନ୍ୟା ଏବଂ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଏ ପର୍ଯ୍ୟନ୍ତ ୧୩୨ ଜଣଙ୍କ ମୃତ୍ୟୁ ଘଟିଥିବା ସେଠାକାର ଗୃହ ମନ୍ତ୍ରଣାଳୟ ପ୍ରକାଶ କରିଛି। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, କାଠମାଣ୍ଡୁ ଘାଟିରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୬୮ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ସେହିପରି ବାଗମତି ଅଞ୍ଚଳରେ ୪୫, କୋଶି ଅଞ୍ଚଳରେ ୧୭ ଏବଂ ମଧେଶ ଅଞ୍ଚଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଏହି ସବୁ ବିପର୍ଯ୍ୟୟରେ ୬୪ ଜଣ ଲୋକ ନିଖୋଜ ଥିବା ବେଳେ ୬୧ ଜଣ ଆହତ ହୋଇଛନ୍ତି। ନେପାଳର ସେନା ଏ ପର୍ଯ୍ୟନ୍ତ ୩ ହଜାର ୬୨୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିବା ମନ୍ତ୍ରଣାଳୟ କହିଛି। ଗତ ଦୁଇ ଦିନ ହେବ ନେପାଳ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛି।

## ଭାରତ-ବାଂଲାଦେଶ ଟେଷ୍ଟ

କାନପୁରରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନର ଖେଳ ବାତିଲ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ପଡ଼ିଆ ଖେଳ ଉପଯୋଗୀ ନଥିବାରୁ ଆଜିର ଖେଳକୁ ରଦ୍ଦ କରାଯାଇଛି।

ସୂଚନାଯୋଗ୍ୟ, ବାଂଲାଦେଶ ପ୍ରଥମ ଇନିଂସରେ କରିଥିବା ତିନି ୱିକେଟ୍ ବିନିମୟରେ ୧୦୭ରନ୍ ସ୍କୋରରୁ ଆଜି ଖେଳ ଆରମ୍ଭ କରିଥାନ୍ତେ। ପ୍ରବଳ

ବର୍ଷା ଯୋଗୁଁ ଗତକାଲି ମଧ୍ୟ ଖେଳ ସମ୍ଭବ ହୋଇପାରି ନଥିଲା । ଏପରିକି ପ୍ରଥମ ଦିନର ଖେଳ ଅପରାହ୍ଣ ପରେ ବନ୍ଦ ରହିଥିଲା । ବାଂଲାଦେଶର ମୋମିନୁଲ୍ ହକ୍ ୪୦ ଏବଂ ମୁସ୍‌ଫିକୁର୍ ରହିମ୍ ୬ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଆକାଶଦୀପ୍ ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନୀ ଗୋଟିଏ ଓ୍ୱିକେଟ୍ ହାସଲ କରିଛନ୍ତି । ସୂଚନାଯୋଗ୍ୟ ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୮୦ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।